**ଆଜି କେନ୍ଦୁଝରର ଆସିବେ ରାଜ୍ୟପାଳ**

କେନ୍ଦୁଝର/ଯୋଡ଼ା(ସ୍ୱ.ପ୍ର./ଡି.ଏନ୍.ଏ.): କେନ୍ଦୁଝର ଜିଲାକୁ ଦିନିକିଆ ଗସ୍ତରେ ଶୁକ୍ରବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଆସୁଛନ୍ତି। ସେ ହେଲିକପ୍ଟରରେ ଯୋଗେ ଆସି ଯୋଡ଼ା ଟିସ୍କୋ ହେଲିପ୍ୟାଡ୍‌ରେ ଓହ୍ଲାଇବେ। ରାସ୍ତା ପଥରେ ଯୋଡ଼ା ଭିଯୁରେ ବିଶ୍ରାମ କରି ଯୋଡ଼ା ଇଷ୍ଟ ଟାଉନସିପରେ ଥିବା ଦୁର୍ଗାପୂଜା ମଣ୍ଡପକୁ ଯାଇ ଭ୍ୟାଲି ବୁକ ଫେୟାରକୁ ଉଦ୍‌ଘାଟନ କରିବେ। ପରେ ସେରେଣ୍ଡା ଆଦିବାସୀ ବିକାଶ ସମିତିକୁ ଯାଇ ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କୁ ସାକ୍ଷାତ କରିବା ସହ ପିଲାଙ୍କ ସହିତ ସମୟ ବିତାଇବେ। ପରେ ପୁରୀ ଗସ୍ତ କରିବାର କାର୍ଯ୍ୟକ୍ରମ ଥିବା ସୂଚନା ମିଳିଛି।



## ସଂକ୍ଷେପରେ

### ପୂର୍ବତଟ ରେଳପଥ ଜିଏମ୍‌ଙ୍କ ଦିନିକିଆ ଗସ୍ତ

କେନ୍ଦୁଝର, ୫ା୧ (ସ୍ୱ.ପ୍ର.) : ପୂର୍ବତଟ ରେଳପଥର ସାଧାରଣ ପ୍ରବନ୍ଧକ ଆରଏନ ସୁନକାର ଦିନିକିଆ କେନ୍ଦୁଝର ଗସ୍ତରେ ଆସି ନୟାଗଡ଼ ରେଳଷ୍ଟେସନକୁ ଯାଇ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ବୁଲି ଦେଖିବା ସହ ସମୀକ୍ଷା କରିବେ। ଗସ୍ତକୁ ନେଇ ପୁରୀ-ବଡ଼ବିଲ ଟ୍ରେନ୍‌ରେ କୋଚ୍ ଅଭାବରୁ ଯାତ୍ରୀମାନେ ଛିଡ଼ା ହୋଇ ଏବଂ ତଳେ ବସି ଯିବା ଆସିବା କରୁଥିବାରୁ କୋଚ୍ ସଂଖ୍ୟା ବୃଦ୍ଧି, କେନ୍ଦୁଝର ସହରରେ ବନ୍ଦ ରହିଥିବା କମ୍ପ୍ୟୁଟରିକରଣ ସଂରକ୍ଷଣ କାର୍ଯ୍ୟାଳୟକୁ ଲୋକଙ୍କ ସୁବିଧା ପାଇଁ ପୁର୍ନବାର ଖୋଲିବା, ଜିଲା ଦେଇ ଅଧିକ ଟ୍ରେନ ଚଳାଚଳ କରିବା ଆଦି ଦାବି ପୂରଣ ନେଇ ଆଶ ସଂଚାର ହୋଇଛି।

### ରୂପ୍‌ସାରେ ଡାଉନ୍ ଜଗନ୍ନାଥ ଏକ୍ସପ୍ରେସ୍ ରହଣି ଦାବି

ରୂପ୍‌ସା, ୫ା୧(ଡି.ଏନ.ଏ.)-ଖଡ଼ଗପୁର ରେଳ ଡିଭିଜନ୍‌ର ବାଲେଶ୍ୱର ଜିଲା ଅଧୀନ ରୂପ୍‌ସା ରେଳ ଜଙ୍କସନ୍‌ରେ ଡାଉନ ଜଗନ୍ନାଥ ଏକ୍ସପ୍ରେସ୍ ରହଣି ଦାବି ହୋଇଛି। କୋଭିଡ୍ ମହାମାରୀ ପୂର୍ବରୁ ଉଭୟ ଅପ୍ ଓ ଡାଉନ୍ ଜଗନ୍ନାଥ ଏକ୍ସପ୍ରେସ୍ ଏହି ଷ୍ଟେଶନରେ ରହୁଥିଲା। କଟକଣା ଉଠିବା ପରେ ଏଠାରେ ଟ୍ରେନ୍ ରହୁନାହିଁ ଏହା ଏକ ଜଙ୍କସନ ହୋଇଥିବାରୁ ବିଭିନ୍ନ ଅଞ୍ଚଳରୁ ଯାତ୍ରୀମାନେ ଏହି ଟ୍ରେନ୍‌ରେ କଟକ, ଭୁବନେଶ୍ୱର, ପୁରୀ ଆଦି ଷ୍ଟେଶନକୁ ଯାଉଥିଲେ ହେଁ ଆଉ ଏହି ଟ୍ରେନ୍ ଯୋଗେ ରୂପ୍‌ସା ଫେରିପାରୁନାହାନ୍ତି। ପୂର୍ବରୁ ଯାତ୍ରୀମାନେ ଆସି ରୂପ୍‌ସାରେ ଓହ୍ଲାଇ ବାରିପଦା, ବାଙ୍ଗିରିପୋଷି ଯାଉଥିବା ସୁପରଫାଷ୍ଟ ଏକ୍ସପ୍ରେସ୍ ଓ ପାସେଞ୍ଜର ଟ୍ରେନ୍‌ରେ ଯାଉଥିଲେ। ଜଙ୍କସନ୍‌ରୁ ବାରିପଦା ଓ ବାଙ୍ଗିରିପୋଷି ଯା'ଆସ ପାଇଁ ରେଳପଥ ଯୋଗାଯୋଗ ରହିଛି। ମୟୂରଭଞ୍ଜ ଜିଲାର ବଡ଼ସାହି ନିର୍ବାଚନମଣ୍ଡଳୀ, ବାଲେଶ୍ୱର ଜିଲାର ସଦର ଓ ବସ୍ତା ନିର୍ବାଚନମଣ୍ଡଳୀ ବ୍ୟବସାୟୀମାନେ ଏହି ଟ୍ରେନ୍ ଉପରେ ନିର୍ଭର କରି କୋଲକାତା ଯା'ଆସ କରିଥାନ୍ତି। କିନ୍ତୁ ରହଣି ବନ୍ଦ ହେବାରୁ ବ୍ୟବସାୟୀ ଓ ଯାତ୍ରୀମାନେ ଅସୁବିଧା ଭୋଗୁଛନ୍ତି। ଏଣୁ ଡାଉନ୍ ଟ୍ରେନ ରହଣି ପାଇଁ ଆଞ୍ଚଳିକ ବିକାଶ ପରିଷଦ ସମେତ ଯୁବନେତା ତପନ ଗିରି, ହରେନ୍ଦ୍ର ଦାସ, ସୁବେଶ ନାୟକ, ଦେବାଶିଷ ମହାପାତ୍ର, ଆରତୀ ନାୟକ, ରଶ୍ମିତା ପଣ୍ଡା ପ୍ରମୁଖ ଦାବି କରିଛନ୍ତି।

### ଭୁଜାଲି ଚୋଟରେ ଅଭିଯୋଗକାରୀ ଗୁରୁତର

ଆନନ୍ଦପୁର,୫ା୧(ସ୍ୱ.ପ୍ର.)-କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ ୪ ନଂ. ୱାର୍ଡ଼ ତଳସାହିରେ କମେଣ୍ଟ ମରାକୁ ନେଇ ଜଣଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଅଭିଯୁକ୍ତଙ୍କ ଭୁଜାଲି ଆକ୍ରମଣରେ ଝିଅର ବାପା ଗୁରୁତର ହୋଇ ମେଡିକାଲର ଭର୍ତ୍ତି ହୋଇଛନ୍ତି। ଗୁରୁତର ବ୍ୟକ୍ତି ୱାର୍ଡର କ୍ଷେତ୍ରମୋହନ ସିଂ। ଅଭିଯୋଗ ମୁତାବକ, ତାଙ୍କ ଝିଅଙ୍କୁ ରାସ୍ତାରେ ନିୟମିତ ଜଣେ ଯୁବକ କମେଣ୍ଟ ମାରିବା ସହ ଅଶ୍ଳୀଳ ଇଙ୍ଗୀତ କରୁଛନ୍ତି। ଘଟଣାକୁ ନେଇ ସେ ଆନନ୍ଦପୁର ଥାନାକୁ ଗୁରୁବାର ଲିଖିତ ଅଭିଯୋଗ କରିବାକୁ ଯାଇଥିଲେ। କ୍ଷେତ୍ରମୋହନ ଥାନାରୁ ଫେରିବା ସମୟରେ ବାଟରେ ଯୁବକ ଜଣଙ୍କ ତାଙ୍କୁ ଏକ ଭୁଜାଲୀରେ ଆକ୍ରମଣ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଘଟଣାକୁ ନେଇ ଉଭୟ ପକ୍ଷରୁ ଅଭିଯୋଗ ହୋଇଥିବାବେଳେ ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ସୁଶାନ୍ତ ଦାଶ ସୂଚନା ଦେଇଛନ୍ତି।

# ସଂରକ୍ଷିତ ଜଙ୍ଗଲ ନିକଟରେ ହଟ୍ ମିକ୍ସ ପ୍ଲାଣ୍ଟ

- ପ୍ରଭାବିତ ହେଉଛନ୍ତି ବନ୍ୟପ୍ରାଣୀ
- ପ୍ରଦୂଷଣ ନିୟନ୍ତ୍ରଣ ନିୟମ ଉଲ୍ଲଂଘନ



**କେନ୍ଦୁଝର,୫ା୧(ସ୍ୱ.ପ୍ର.):**

କେନ୍ଦୁଝର ସଦର ବ୍ଲକ୍ ରଘୁନାଥପୁର ରାଜସ୍ୱ ନିରୀକ୍ଷକଙ୍କ ଅଧୀନ ବଡ଼ ମନୋହରପୁର ନିକଟ ସଂରକ୍ଷିତ ଶାଳ ଜଙ୍ଗଲ ନିକଟରେ ବେଆଇନ ହଟ୍ ମିକ୍ସ ପ୍ଲାଣ୍ଟ ଚାଲୁଛି। ଏଥିସହ ଉକ୍ତ ସ୍ଥାନରେ ବିନା ପ୍ରଦୂଷଣ ନିୟନ୍ତ୍ରଣରେ ଏକ ଚିପ୍ସ କ୍ରଶର ମଧ୍ୟ ଚାଲୁଥିବାରୁ ଶବ୍ଦ ଓ ବାୟୁ ପ୍ରଦୂଷଣ ବଢ଼ିବାରେ ଲାଗିଛି। ପ୍ରଦୂଷଣ ନିୟନ୍ତ୍ରଣ ନିୟମ ଅନୁଯାୟୀ ଧୂଳିଧୂଆଁରୁ ରକ୍ଷା ପାଇଁ ଚାରିଆଡ଼େ ଉଚ୍ଚ ପାଚେରି (ୱିଣ୍ଡ ବ୍ରେକିଂ ୱାଲ) କିମ୍ବା ସବୁଜ ବଳୟ ନାହିଁ। ସେହିପରି ବାୟୁ ପ୍ରଦୂଷଣ ରୋକିବା ପାଇଁ ନିୟମିତ ପାଣି ସିଞ୍ଚନ ହେଉନି। ଫଳରେ ପଥର ଗୁଣ୍ଡ ଉଡ଼ି ଚାରିଆଡ଼େ ପଡୁଥିବାରୁ ଜଙ୍ଗଲରେ ହାତୀ ସମେତ ଅନ୍ୟ ଜଙ୍ଗଲୀ ପ୍ରାଣୀ ପ୍ରଭାବିତ ହେଉଛନ୍ତି। ସ୍ଥାନୀୟ ଲୋକେ ମଧ୍ୟ ଧୂଳିଧୂଆଁରେ ଅତିଷ୍ଠ ହୋଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ସୂଚନା ମୁତାବକ, କ୍ରଶର ଏବଂ ହଟ୍ ମିକ୍ସ ପ୍ଲାଣ୍ଟଠାରୁ ୫୦୦ ମିଟରରୁ କମ୍ ଦୂରତାରେ ରଘୁନାଥପୁର ସଂରକ୍ଷିତ ଜଙ୍ଗଲ ରହିଛି। ଏହି ସ୍ଥାନରେ ବର୍ଷର ସବୁ ସମୟରେ ହାତୀ ତଥା ଅନ୍ୟାନ୍ୟ ବନ୍ୟପ୍ରାଣୀଙ୍କ ଚଳପ୍ରଚଳ ରହିଥାଏ। ଦିନରାତି କ୍ରଶର ଓ ହଟ୍‌ମିକ୍ସ ପ୍ଲାଣ୍ଟ ଚାଲୁଥିବାରୁ ବହୁ ପରିମାଣର ଶବ୍ଦ ପ୍ରଦୂଷଣ ହେଉଛି। ହଟ୍ ମିକ୍ସ ବା ପିଚୁ ଗୋଳା କାରଖାନାରୁ କଳା ଧୂଆଁ ବହୁ ପରିମାଣର ନିର୍ଗତ ହୋଇ ବାୟୁମଣ୍ଡଳକୁ ଦୂଷିତ କରୁଛି। ଏହାକୁ ରୋକିବା ପାଇଁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ରାଜସ୍ୱ, ଜଙ୍ଗଲ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାକୁ ବସାଇବା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅନୁମତି ନିଆଯାଇଛି କି ନାହିଁ ତାହା ତଦନ୍ତ ସାପେକ୍ଷ। ଉକ୍ତ ଶାଳ ଜଙ୍ଗଲ ପରିବେଷ୍ଟିତ ସ୍ଥାନର ପରିସୀମା ଚିହ୍ନଟ ହୋଇ ନ ଥିବାରୁ ଏଣେ ତେଣେ ମେଟାଲ, ଚିପ୍ସ, ବୋଲ୍ଡର ଗଦା ହୋଇରହୁଛି। ଏପରିକି ପାଖରେ ଥିବା ଜଙ୍ଗଲକୁ ଅନଧିକାର ବ୍ୟବହାର କରୁଥିବାରୁ ସ୍ଥାନୀୟ ଲୋକମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଅନ୍ୟପକ୍ଷରେ ଉକ୍ତ ସ୍ଥାନରେ ବହୁ ପରିମାଣରେ ପଥର ଜମା ହୋଇ ରହିଛି। ତେବେ ଏତେ ପରିମାଣର ପଥର ଜମା ହୋଇ ରହିଥିଲେ ହେଁ ତାହା କେଉଁଠୁ ଆସିଲା ତାହାର ଯାଞ୍ଚ କରାଯାଇ ପରିବେଶ ସୁରକ୍ଷା ଆଇନ ୧୯୮୮ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

ଉକ୍ତ ପ୍ଲାଣ୍ଟର ମ୍ୟାନେଜର ବିରଞ୍ଚି ବେହେରା କହିଛନ୍ତି, ନିୟମାନୁଯାୟୀ ପ୍ରଦୂଷଣ ବିଭାଗର ଅନୁମତିରେ ପ୍ଲାଣ୍ଟ ଚାଲିଛି। ନିଜର ଗୋପାଳପୁର କ୍ୱାରିରୁ ପଥର ଅଣାଯାଉଛି। ଏ ସମ୍ପର୍କରେ ସଦର ରେଞ୍ଜର ବିଜୟ ମହାନ୍ତ କୁହନ୍ତି, ସଂରକ୍ଷିତ ଜଙ୍ଗଲର ୫୦୦ ମିଟରରେ କୌଣସି ପ୍ରକଳ୍ପ ହୋଇପାରିବ ନାହିଁ। ଯଦି ସେଭଳି ସ୍ଥିତି ଆସେ ତେବେ ବନ ବିଭାଗର ଅନୁମତି ନେବା ଜରୁରୀ। ଏଥିରେ ଖିଲାପ ହୋଇଥିଲେ ଯାଞ୍ଚ କରି ପଦକ୍ଷେପ ନିଆଯିବ। ଏ ନେଇ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପ୍ରଶାନ୍ତ କର କହିଛନ୍ତି, ଏହାର ସେ ତଦନ୍ତ କରି କହିପାରିବେ। ସଦର ତହସିଲଦାର ଆଶିଷ ମହାପାତ୍ର କହିଛନ୍ତି, ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ବାହାନଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

**ବାହାନଗା, ୫ା୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ତଥା ଉଦ୍‌ଘାଟକ ଭାବେ ସୋର ବିଧାୟକ ପର୍ଶୁରାମ ଧଡା ଯୋଗ ଦେଇ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିବା ସହ ଜୁନିୟର କଲେଜ ଉନ୍ନତି ନିମନ୍ତେ ସେ ସଙ୍କଳ୍ପବଦ୍ଧ ବୋଲି ମତବ୍ୟକ୍ତ କରିଥିଲେ। ସଭାରେ ସଭାପତିତ୍ୱ କରିଥିଲେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବିନୋଦ କୁମାର ମହାରଣା। ମୁଖ୍ୟବକ୍ତା ଭାବେ ନୀଳଗିରି ମହିଳା ମହାବିଦ୍ୟାଳୟ ଓଡିଆ ଅଧ୍ୟାପକ ପ୍ରଦୀପ କୁମାର ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ସମ୍ମାନନୀୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର ଯୋଗଦେଇ ନୂତନ ଭାରତ ଗଠନ ନିମନ୍ତେ ଛାତ୍ରୀଛାତ୍ରଙ୍କ ସହଯୋଗ ଏଡାଇ ଦେଇହେବ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ତର୍କ ଶାସ୍ତ୍ର ବିଭାଗ ଅଧ୍ୟାପକ ଗଜେନ୍ଦ୍ର ପ୍ରସାଦ ନାୟକ ମଞ୍ଚ ପରିଚାଳନା କରିଥିଲେ। ରାଜନୀତି ବିଭାଗ ଅଧ୍ୟାପକ ଲକ୍ଷ୍ମଣ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମୁଖପତ୍ର 'ପ୍ରତିବିମ୍ବ' ଉନ୍ମୋଚିତ ହୋଇଥିଲା। ଓଡିଆ ବିଭାଗ ଅଧ୍ୟାପିକା ସନ୍ଧ୍ୟାରାଣୀ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଭଦ୍ରକରେ ୧୨ ଲକ୍ଷ ୩୬ ହଜାର ୮୮୧ ଭୋଟର




ଭୋଟର ତାଲିକା ପ୍ରଦର୍ଶନ କରାଯାଉଛି।

**ଭଦ୍ରକ ଅଫିସ,୫ା୧**

## ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ

ଗତ ନଭେମ୍ବର ୯ ରୁ ଡିସେମ୍ବର ୧୯ ପର୍ଯ୍ୟନ୍ତ ଚାଲୁ ରହିଥିବା ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ପରେ ଗୁରୁବାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯାଇଛି। ଭଦ୍ରକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁଙ୍କ ଅଧ୍ୟକ୍ଷତାରେ ଉପଜିଲାପାଳ ମନୋଜ ପାତ୍ର ଏବଂ ସହକାରୀ ଜିଲାପାଳ କସ୍ତୁରୀବାଳା ଜେନା ଯୋଗ ଦେଇ ଭୋଟର ତାଲିକା ପ୍ରଦର୍ଶନ କରିଥିଲେ। ପ୍ରକାଶ ଥାଉକି, ୨୦୨୩ ଜାନୁୟାରୀ, ଏପ୍ରିଲ, ଜୁଲାଇ, ଅକ୍ଟୋବର ୪ ମାସର ୧ ତାରିଖ ସୁଦ୍ଧା ୧୮ବର୍ଷ ପୂରଣ ହେଉଥିବା ନାଗରିକମାନେ ଭୋଟର ତାଲିକାଭୁକ୍ତ ହେବା ପାଇଁ ଅନ୍‌ଲାଇନ୍‌ରେ ଆଗୁଆ ଆବେଦନ କରିପାରିବେ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ପ୍ରକାଶିତ ତାଲିକା ଅନୁଯାୟୀ ଭଦ୍ରକ ଜିଲାରେ ସମୁଦାୟ ଭୋଟର ସଂଖ୍ୟା ୧୨ ଲକ୍ଷ ୩୬ ହଜାର ୮୮୧ ରହିଛି। ସେମାନଙ୍କ ମଧ୍ୟରେ ପୁରୁଷ ଭୋଟର ୬ ଲକ୍ଷ ୩୯ ହଜାର ୭୩୪, ମହିଳା ଭୋଟର ୫ ଲକ୍ଷ ୯୬ ହଜାର ୯୯୧ ଓ ତୃତୀୟ ଲିଙ୍ଗୀ ୧୫୬ ଜଣ ଅଛନ୍ତି। ଜିଲାର ସମୁଦାୟ ବୁଥ୍ ସଂଖ୍ୟା ୧୨୯୨। ଏହି ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଉପାୟରେ ସମୁଦାୟ ୫୮ହଜାର ୮୬ ଜଣଙ୍କଠାରୁ ଆବେଦନ ଫର୍ମ ସଂଗ୍ରହ କରାଯାଇଥିଲା। ସଂଶୋଧନ ଦାୟିତ୍ୱରେ ଥିବା ବରିଷ୍ଠ ସହାୟକ କୃଷ୍ଣଚନ୍ଦ୍ର ରାଉତ ତାଲିକା ପ୍ରକାଶନ କାର୍ଯ୍ୟକ୍ରମରେ ଆନୁସଙ୍ଗିକ ସହଯୋଗ କରିଥିଲେ।

## ୪୨ ଶିକ୍ଷୟିତ୍ରୀ-ଶିକ୍ଷକଙ୍କ ପଦୋନ୍ନତି

**ପାଟଣା,୫ା୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ପାଟଣା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଗୁରୁବାର ୪୨ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ପଦୋନ୍ନତି ପତ୍ର ପ୍ରଦାନ କରାଯାଇଛି। ଏଥିରେ ଲେବୁଲ ପଞ୍ଚମ ବର୍ଗ କରୁ ପଞ୍ଚମ ବର୍ଗ ଖକୁ ୧୦, ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଭାବେ ୫, ଉଚ୍ଚ ପ୍ରାଥମିକ ବିଜ୍ଞାନକୁ ୫, କଳାକୁ ୨୨ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ପଦୋନ୍ନତି ପାଇଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ସିଆରସିସି ସନ୍ତୋଷ ନାଏକଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ସମ୍ମାନିତ ଅତିଥି ଭାବେ ଏବିଇଓ ସଚ୍ଚିଦାନନ୍ଦ ସେଠୀ, ପ୍ରକାଶ ରାୟ, ଗୌରାଙ୍ଗଚନ୍ଦ୍ର ଖିଲାର, ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ କମଳାକାନ୍ତ ପତି, ସଭାପତି ବିଜନ ପରିଡ଼ା ପ୍ରମୁଖ ଯୋଗଦେଇ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ପଦୋନ୍ନତି ପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ସଂଘ ସଭାପତି ପ୍ରମୋଦ ମହାନ୍ତ, ଶିକ୍ଷକନେତା ବୀର ମୋହନ ଦ୍ୱିବେଦୀ, ଅମଲା ମକର ଧ୍ୱଜ ଗିରି, ଡାଟାଏଣ୍ଟ୍ରି ଅପରେଟର ଜନ୍ମଜୟ ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ଉପଜିଲାପାଳଙ୍କ ବଦଳି ଦାବି

## ଉପଖଣ୍ଡ ଖବରଦାତାଙ୍କ ସ୍ୱାଭିମାନ ବୈଠକ

**ଉଦଳା,୫ା୧(ଡି.ଏନ.ଏ.)**

କପ୍ତିପଦା ଉପଖଣ୍ଡ ଖବରଦାତା ପରିବାର ପକ୍ଷରୁ ସ୍ୱାଭିମାନ ବୈଠକ ଉଦଳା ପି.ଡବ୍ଲ୍ୟୁ.ଡ଼ି ଡାକବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। କପ୍ତିପଦା, ଖୁଣ୍ଟା, ଗୋପବନ୍ଧୁନଗର ଏବଂ ଉଦଳା ବ୍ଲକ ତଥା ଏନ୍‌ଏସି ଅଞ୍ଚଳର ସମସ୍ତ ଗଣମାଧ୍ୟମ ପ୍ରତିନିଧି ଏହି ବୈଠକରେ ଯୋଗଦେଇଥିଲେ। ବିଶେଷ କରି ଉପଖଣ୍ଡ ପ୍ରଶାସନ ତରଫରୁ ବିଭିନ୍ନ ସମୟରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅଣଦେଖା କରାଯିବା ସହ ଗତ ୪ ତାରିଖରେ ଆହୂତ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ସାଳନ ପ୍ରସ୍ତୁତି ବୈଠକକୁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଡ଼କା ନ ଯିବା ନେଇ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ଆଗାମୀ ଦିନରେ ଉପଖଣ୍ଡ ପ୍ରଶାସନ ପକ୍ଷରୁ ହେଉଥିବା ସରକାରୀ କାର୍ଯ୍ୟକ୍ରମକୁ ସମସ୍ତ ଗଣମାଧ୍ୟମ ପ୍ରତିନିଧି ବର୍ଜନ କରିବା ଲାଗି ନିଷ୍ପତ୍ତି ନେବା ସହ ଉପ ଜିଲାପାଳଙ୍କ ବଦଳି ଦାବି କରିଥିଲେ। ଉପ ଜିଲାପାଳଙ୍କର ମନମୁଖୀ କାର୍ଯ୍ୟକଳାପକୁ ନେଇ ଖବରଦାତାମାନେ ଆଗାମୀ ଦିନରେ ଆନ୍ଦୋଳନ କରିବେ ବୋଲି ମତ ପ୍ରକାଶ ପାଇଥିଲା । ବରିଷ୍ଠ ଖବରଦାତା ଆନନ୍ଦ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଅରୁଣ କୁମାର ମହାନ୍ତି, ନିମାଇଁ ଦାସ, ତପନ ମହାନ୍ତି, ଗୋଲକ ମହାରଣା, ସୁଶାନ୍ତ ମହାନ୍ତି, ସନ୍ତୋଷ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିଧାୟକଙ୍କ ଦ୍ୱାରା ସ୍କୁଲରେ ପୋଷାକ ବଣ୍ଟନ



ବିଧାୟକ ସୂର୍ଯ୍ୟବଂଶୀ ସୁରଜ ଜଣେ ଛାତ୍ରଙ୍କୁ ପୋଷାକ ପ୍ରଦାନ କରୁଛନ୍ତି।

**ଧାମନଗର,୫ା୧(ଡି.ଏନ.ଏ)**

ଧାମନଗର ବ୍ଲକ୍ ଜୟନଗରସ୍ଥିତ ଅନନ୍ତକେଶରୀ ଉପ୍ରା ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ ସିଂହଙ୍କ ସଭାପତିତ୍ୱରେ ପୂର୍ବତନ ଜିଲାପରିଷଦ ସଭ୍ୟ ମନୋଜ ମଲ୍ଲିକ ଓ ଶରତ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସୁରେନ୍ଦ୍ର ସେଠୀ ଅତିଥି ପରିଚୟ, ସଞ୍ଜୟ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଧାମନଗର ଅଞ୍ଚଳର ଡାକ୍ତର ଛାତ୍ର ରୁଦ୍ର ନାରାୟଣ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସ୍କୁଲ ପରିସରରେ ବିଧାୟକଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା। ଶିକ୍ଷକ ସୁରେନ୍ଦ୍ର ମିଶ୍ର, ସଲିମି ଖାଁ, ନିରୁପମା ବେହେରା, କୈଳାଶ ଜେନା, ଅର୍ଜୁନ ରାଉତ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶ୍ରୀଜଗନ୍ନାଥ ସମବାୟ ସମିତିରେ ଧାନମଣ୍ଡି ଶୁଭାରମ୍ଭ

**ଧାମନଗର,୫ା୧(ସ୍ୱ.ପ୍ର.)**



ଉପସ୍ଥିତ ଅତିଥିମାନେ।

ଭଦ୍ରକ ଜିଲା ଧାମନଗର ବ୍ଲକ୍ ଅନ୍ତର୍ଗତ ଭଗବାନପୁର ପଞ୍ଚାୟତସ୍ଥିତ ଶ୍ରୀ ଜଗନ୍ନାଥ ସେବା ସମବାୟ ସମିତି ପକ୍ଷରୁ ବୁଧବାର ସରକାରୀ ଧାନମଣ୍ଡିର ଶୁଭାରମ୍ଭ ହୋଇଯାଇଛି। ସମିତି ପରିଚାଳନା ପରିଷଦର ସଭାପତି ଅଭିମନ୍ୟୁ ସ୍ୱାଇଁଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ସଦାନନ୍ଦ ବେହେରା, ଅନ୍ୟତମ ଅତିଥି ଉପସହକାରୀ ନିବନ୍ଧକ ସତ୍ୟପ୍ରକାଶ ସେଠୀ, ଜିଲା ସମ୍ପ୍ରସାରଣ ଅଧିକାରୀ ମୃତ୍ୟୁଞ୍ଜୟ ପଣ୍ଡା, ଧାମନଗର ବିବିସିସି ବ୍ୟାଙ୍କ ଶାଖା ପରିଚାଳକ ମାନସ ରଞ୍ଜନ ମହାପାତ୍ର, ଗ୍ରାମ୍ୟ କୃଷି କର୍ମଚାରୀ ଅଜୟ ଦାସ, ସ୍ଥାନୀୟ ସରପଞ୍ଚ କାଞ୍ଚନ ସ୍ୱାଇଁ, ନାଏବ ସରପଞ୍ଚ ଗୌରାଙ୍ଗ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଚାଷୀ କମିଟିର ସଭ୍ୟ, ସମିତି ପରିଚାଳନା ପରିଷଦର ସଭ୍ୟା ସଭ୍ୟ, ସମିତି ଅଧୀନ ବିଶିଷ୍ଟ ଚାଷୀ ରମଣୀ ରଞ୍ଜନ ଦାଶ, କପିଳେନ୍ଦ୍ର ବଳ, ସୁଦର୍ଶନ ମାଝୀ, ଦାଶରଥି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଅନୁସାରେ ଚଳିତ ବର୍ଷ ଏହି ସମିତି ଅଧୀନରେ ୬୫୦ ଜଣ ଖରିଫ ଚାଷୀ ଧାନ ବିକ୍ରୟ ପାଇଁ ଅନଲାଇନ ପଞ୍ଜୀକୃତ କରିଛନ୍ତି। ସପ୍ତାହରେ ସୋମବାର, ବୁଧବାର, ଶୁକ୍ରବାର ଓ ଶନିବାର ଧାନ କ୍ରୟ କରାଯିବ ବୋଲି ସମିତିର ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉତ ସୂଚନା ଦେଇଥିଲେ।

# ସମିତି ଆଗରେ ଚାଷୀଙ୍କ ବିକ୍ଷୋଭ

**ରୂପ୍‌ସା, ୫ା୧(ଡି.ଏନ.ଏ.)**

## କଟ୍‌ନି ଛଟ୍‌ନିକୁ ବିରୋଧ

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅନ୍ତର୍ଗତ ମୁକୁଲିସି ସମବାୟ ସମିତିରେ ଗୁରୁବାର ଧାନ କିଣାକୁ ନେଇ ଅସନ୍ତୋଷ ଦେଖାଦେଇଛି। ମିଲରଙ୍କ ମନଇଚ୍ଛା କୁଇଣ୍ଟାଲ ପ୍ରତି ୮ରୁ ୧୦କେଜି ଧାନ କଟ୍‌ନିଛଟ୍‌ନିକୁ ଚାଷୀମାନେ ବିରୋଧ କରିଛନ୍ତି। ଧାନରେ ଆଦ୍ରତା ପାଇଁ ୧୭ପ୍ରତିଶତ, ଅଗାଡ଼ି ପାଇଁ ୩ପ୍ରତିଶତ, ଧୂଳିମାଟି ପାଇଁ ୧ପ୍ରତିଶତ ଓ ଅନ୍ୟାନ୍ୟ ପାଇଁ ୫ ପ୍ରତିଶତ କୋହଳ ନିୟମ ଥିବାବେଳେ ଠିକ୍‌ମାନର ଧାନରେ ଜବରଦସ୍ତ କଟ୍‌ନି ଛଟ୍‌ନି ହେବାରୁ ଚାଷୀମାନେ ସମିତି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ଗୁରୁବାର ରମାଦେବୀ ରାଇସ୍ ମିଲ୍ ଏହି ସମିତିକୁ ଧାନ କ୍ରୟ ପାଇଁ ଆସିଥିଲେ। ସକାଳଠାରୁ ଟୋକନ୍ ଧରି ଚାଷୀମାନେ ସମିତିରେ ଧାନ ନେଇ ଉପସ୍ଥିତ ଥିଲେ। କଟ୍‌ନି ଛଟ୍‌ନିକୁ ବିରୋଧ ହେବାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମିଲର ଧାନ ନ କିଣି ବିଭିନ୍ନ ଆଳ ଦେଖାଇଥିଲେ। ଯଦି କୁଇଣ୍ଟାଲ ପ୍ରତି ୮ରୁ ୧୦ କେଜି କଟାଯାଏ ତେବେ ଧାନ କିଣାଯିବ ବୋଲି ମିଲର କହିଥିଲେ। ଫଳରେ ଧାନ କିଣା ବନ୍ଦ ରହିବା ଯୋଗୁ ଚାଷୀମାନେ ଉତ୍ତେଜିତ ହୋଇ ସମିତି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଯଦି ଠିକ୍ ଭାବେ ସମିତିରେ ଧାନ କ୍ରୟ ନ ହୁଏ ତେବେ ଆନ୍ଦୋଳନ ଜୋରଦାର ହେବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।



ସମିତି ସମ୍ମୁଖରେ ବିକ୍ଷୋଭରତ ଚାଷୀ।

# ହକି ବିଶ୍ୱକପ୍ ପାଇଁ ଶୋଭାଯାତ୍ରା

**ସାରସକଣା/ମୋରଡ଼ା,୫ା୧(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ସାରସକଣା ଓ ରାସଗୋବିନ୍ଦପୁର ବ୍ଲକ ଅଞ୍ଚଳରେ ହକି ବିଶ୍ୱକପ୍‌ରେ ଭାରତୀୟ ଦଳକୁ ଉତ୍ସାହିତ କରିବା ପାଇଁ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପକ୍ଷରୁ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସାରସକଣା ବ୍ଲକ ସୀମାନ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ ନଳିନୀ ରଞ୍ଜନ ସେନାପତିଙ୍କ ଅଧ୍ୟକ୍ଷତାରେ ଛାତ୍ରୀଛାତ୍ର, ଅଧ୍ୟାପିକା ଓ ଅଧ୍ୟାପକମାନଙ୍କୁ ନେଇ ରାଲି ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଡ. ବୁଦ୍ଧଦେବ କର, ଡ. ଦେବଦତ୍ତ ମହାନ୍ତି, ଦିଲ୍ଲୀପ କୁମାର ସେନାପତି, ଅଧ୍ୟାପକ ନିହାର ରଞ୍ଜନ ମହାନ୍ତ, କାର୍ଯ୍ୟକ୍ରମ ଅଧିକାରୀ ବିଶ୍ୱଜିତ ସିଂହ, ଅଧ୍ୟାପିକା ପ୍ରାଚୀପ୍ରଭା ପଢିଆରୀ, ସ୍ୱପ୍ନେଶ୍ୱରୀ ମୁର୍ମୁ, ମନୀଷା ହେମ୍ବ୍ରମ, ସୁଜାତା ମହାନ୍ତଙ୍କ ସମେତ ଅଧ୍ୟାପକ ଅଶୋକ ପୁଷ୍ଟି ଏବଂ ସମ୍ପାଦକ ମଳୟ କୁମାର ନାୟକ ପ୍ରମୁଖ ଛାତ୍ରୀଛାତ୍ରଙ୍କ ସହିତ ବମ୍ବେ ଛକ ବଜାର ପରିକ୍ରମା କରିଥିଲେ।



ସାରସକଣା ସୀମାନ୍ତ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଆୟୋଜିତ ଶୋଭାଯାତ୍ରା।

ସେହିପରି ରାସଗୋବିନ୍ଦପୁର ବ୍ଲକ ତୋଟାପଡ଼ାସ୍ଥିତ ବାସୁଦେବ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଯୁକ୍ତ ୨ ଉପଶାସ୍ତ୍ରୀ ଓ ଯୁକ୍ତ ୩ ଶାସ୍ତ୍ରୀ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟ ନିକଟରୁ ବାହାରି ତୋଟାପଡ଼ା ପଞ୍ଚାୟତ ପରିକ୍ରମା କରିଥିଲେ। ଅଧ୍ୟକ୍ଷ ଅରୁଣ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ କଲେଜ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଗିରିଜା ଶଙ୍କର ପତି, ସଞ୍ଜୀବ ପତି, ପ୍ରଦୀପ ସାହୁ, ହରିଶ ଚନ୍ଦ୍ର ପାଣି, ଶଙ୍ଖଜିନୀ ବେହେରା, ଉର୍ମିଳା ପ୍ରଧାନ, ସୁମତି ବିନ୍ଧାଣି, ରଞ୍ଜନ ପାଣି, ବିନୋଦ ମହାନ୍ତ, ଶଙ୍କର ମହାନ୍ତ ଏବଂ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

**ଆତ୍ମରକ୍ଷା ତାଲିମ ଶିବିରରେ ୭୪ ଛାତ୍ରୀ**

ରେମୁଣା,(ଡି.ଏନ.ଏ.): ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ବରୁଣସିଂ ଶ୍ରୀଜଗନ୍ନାଥ ଏଜୁକେସନାଲ ଫାଉଣ୍ଡେଶନ ହାୟର ସେକେଣ୍ଡାରୀ ସ୍କୁଲରେ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ଶିବିରରେ ମୋଟ୍ ୭୪ଜଣ ଛାତ୍ରୀ ପ୍ରଶିକ୍ଷଣ ନେଉଛନ୍ତି। ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ଶିକ୍ଷାବିତ୍ ତଥା ସାମାଜିକ କର୍ମୀ ମାର୍କଣ୍ଡ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ତାଲିମ ଶିବିର ସଂଯୋଜକ ଡ. ସତୀଶ ଚନ୍ଦ୍ର ପଟ୍ଟନାୟକ ଓ ଶିବିର ପରିଚାଳିକା ସରିତା ପାଢ଼ୀ ପରିଚାଳନା କରିଥିଲେ।



## ଆଜି କ'ଣ କେଉଁଠି

ବାଲେଶ୍ୱର

- ଜିଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ-୨୦୨୨, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୨୩ତମ ଚାନ୍ଦିପୁର ବେଳାଭୂମି ମହୋତ୍ସବ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ମା' ଇଣ୍ଟରନ୍ୟାଶନାଲ ହୋଟେଲ ସମ୍ମିଳନୀ କକ୍ଷ, ସମୟ: ମଧ୍ୟାହ୍ନ ୧୨ଟା ୧୫।

## ଛାତ୍ରୀଙ୍କୁ ଆତ୍ମସୁରକ୍ଷା ପ୍ରଶିକ୍ଷଣ

ଚମ୍ପୁଆ,୫।୧(ଡି.ଏନ.ଏ): ବଢୁଥିବା ନାରୀ ନିର୍ଯାତନାକୁ ପ୍ରଶମିତ କରିବା ଲକ୍ଷ୍ୟରେ ସ୍କୁଲ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ଚନ୍ଦ୍ରଶେଖର ମହାବିଦ୍ୟାଳୟଠାରେ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ୮ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ବିପିନ ବିହାରୀ ଜେନା ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାପକ ରାଜେନ୍ଦ୍ର କର, ସ୍ୱାଧୀନ ସିଂ, ଦୁଃଖବନ୍ଧୁ ମହାନ୍ତ, ପିସି ଗିରି, ପ୍ରଶାନ୍ତ ନନ୍ଦ, ରଶ୍ମିରେଖା ବେହେରା, ଲିପିକା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ୨୦୧୨ରେ ନିର୍ଭୟା ହତ୍ୟାକାଣ୍ଡ ପରେ ରାଜ୍ୟସରକାରଙ୍କ ପକ୍ଷରୁ ୨୦୧୩ରେ ଯୁବ ଶିକ୍ଷାନୀତରେ ଏହାକୁ ସାମିଲ କରାଯାଇଥିଲା। ଶିବିରେ ୧୮୬ ଜଣ +୨ ଛାତ୍ରୀ ପ୍ରଶିକ୍ଷଣ ନେବାକୁ ଥିବା ବେଳେ ମାଷ୍ଟର ଟ୍ରେନର ରଶ୍ମୀ ଗାଗରାଇ, ସାଗରିକା ସାହୁ ଓ ତୁଳସୀ ମୁଣ୍ଡା ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିବେ।

## ଅଗ୍ନି ବିପନ୍ନ ପରିବାରକୁ ସହାୟତା

ବାଲିଆପାଳ, ୫।୧(ସ୍ୱ.ପ୍ର.)-ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକର କଟୁଆପଡ଼ା ଗ୍ରାମର ଅଗ୍ନିବିପନ୍ନ ପରିବାରକୁ ଲାୟନ୍ସ କ୍ଲବ ପକ୍ଷରୁ ଗୁରୁବାର ସହାୟତା ପ୍ରଦାନ କରାଯାଇଛି। କଟୁଆପଡ଼ା ଗ୍ରାମର ସ୍ୱର୍ଗତ ଅଶୋକ ଜେନାଙ୍କ ସ୍ତ୍ରୀ ଗୌରୀମଣି ଓ ତାଙ୍କ ଝିଅ ସହିତ ତାଙ୍କର ଜଣେ ଭଉଣୀ ଘରେ ଥିବା ବେଳେ ଗତ ମଙ୍ଗଳବାର ସନ୍ଧ୍ୟାରେ ଘରେ ନିଆଁ ଲାଗିଯାଇଥିଲା। ଗ୍ରାମବାସୀ ଓ ବାଲିଆପାଳ ଦମକଳ ବାହିନୀ ମିଳିତ ଉଦ୍ୟମରେ ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ଘରର କୌଣସି ଜିନିଷ ଉଦ୍ଧାର ହୋଇପାରି ନ ଥିଲା। ବାଲିଆପାଳ ଲାୟନ୍ସ କ୍ଲବ ସଭାପତି ଲାୟନ ଅଜୟ ସାହୁଙ୍କ ନେତୃତ୍ୱରେ ଲାୟନ ନବୀନ ପାତ୍ର, ଲାୟନ ଭୁବନ ମୋହନ ପିଳା, ଲାୟନ ଝାଡ଼େଶ୍ୱର ପ୍ରଧାନ ଓ ଲାୟନ ଡ. ଗୟାରାମ ଗଙ୍ଗାଇ ପ୍ରମୁଖ ଗୌରୀମଣିଙ୍କ ଘରକୁ ଯାଇ ତାରପୋଲିନ, କମ୍ବଳ, ଶାଢ଼ୀ, ମଶାରୀ, ମଶିଣା ଓ ତାରପୋଲିନ ବାନ୍ଧିବା ପାଇଁ ଦଉଡ଼ି ପ୍ରଦାନ କରିଛନ୍ତି।

## ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଉଦ୍‌ଘାଟିତ

ଖଇରା, ୫।୧(ଡି.ଏନ.ଏ.)-ବାଲେଶ୍ୱର ଜିଲା ଅଧୀନ ଖଇରା ମହାବିଦ୍ୟାଳୟ ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗ ତରଫରୁ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ଅରୁଣ ପାଢୀ ଉଦ୍‌ଘାଟନ କରିଥିବା ବେଳେ ପରିଚାଳନା କମିଟି ସଭାପତି ମୁକ୍ତିକାନ୍ତ ଶତପଥି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଂଯୋଜିକା ଆଲିଶା ମହାନ୍ତି, ସହ ସଂଯୋଜିକା ଉଷାକିନୀ ନାୟକ ଉପସ୍ଥିତିରେ ପ୍ରଶିକ୍ଷିକା ସୁନୀତା ଗୁଣ୍ଡୱାଲା ଓ ଜୟଶ୍ରୀ ସାମଲ ପିଲାମାନଙ୍କୁ ଛାତ୍ରୀ ଆତ୍ମରକ୍ଷାର ବିଭିନ୍ନ କୌଶଳ ଶିଖାଇଥିଲେ। ମହାବିଦ୍ୟାଳୟ ଅଧାପକ ଡ. ଲକ୍ଷ୍ମଣ ଶତପଥି, ବନମାଳୀ ବାରିକ, ଯୁଗଳ କିଶୋର ଗାହାଣ, ଉମେଶ ଚନ୍ଦ୍ର ବାରିକ, ଶଶିକାନ୍ତ ପଣ୍ଡା ଓ ଅକ୍ଷାଂଶ ଦଳେଇ ପ୍ରମୁଖ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଯୁକ୍ତ ୨ ପ୍ରଥମ ବର୍ଷର ୩୨୭ଜଣ ଛାତ୍ରୀଙ୍କୁ ୧୧ଦଳରେ ବିଭକ୍ତ କରାଯାଇ ୧୬ଦିନ ଧରି ପ୍ରଶିକ୍ଷଣ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ଅଛି।

## ପୁରୁଷ ହକି ବିଶ୍ୱକପକୁ ସ୍ୱାଗତ ଶୋଭାଯାତ୍ରା

ପାଟଣା,୫।୧(ସ୍ୱ.ପ୍ର.): ଓଡ଼ିଶାରେ ଆୟୋଜିତ ହେଉଥିବା ପୁରୁଷ ବିଶ୍ୱକପ ହକି ୨୦୨୩କୁ ସ୍ୱାଗତ ଓ ଖେଳାଳୀଙ୍କୁ ଉତ୍ସାହିତ କରିବା ପାଇଁ କେନ୍ଦୁଝର ଜିଲା ପାଟଣାରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟାଳୟ ଆଞ୍ଚଳିକ ମହାବିଦ୍ୟାଳୟ ଓ ତୁରୁମୁଙ୍ଗା ଦଧିବାମନ ଡିଗ୍ରୀ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ବଜାର ପରିକ୍ରମା କରିଥିଲେ। ପାଟଣା ମହାବିଦ୍ୟାଳୟର ଅଧ୍ୟକ୍ଷ ବିରେନ୍ଦ୍ର ସାହୁ, କ୍ରୀଡ଼ା ଶିକ୍ଷକ ଧର୍ମେନ୍ଦ୍ର ସାହୁଙ୍କ ନେତୃତ୍ୱରେ ଓଡ଼ିଆ ଅଧାପକ ଜଗନ୍ନାଥ ମହାନ୍ତ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ତୁରୁମୁଙ୍ଗା ଡିଗ୍ରୀ ମହାବିଦ୍ୟାଳୟରେ ଶୋଭାଯାତ୍ରାକୁ ଅଧ୍ୟକ୍ଷ ଡକ୍ଟର ତ୍ରୈଲକ୍ୟ ପରିଡ଼ା ଶୁଭାରମ୍ଭ କରିଥିଲେ।

# ପୂର୍ବତନ ଆଥ୍‌ଲେଟିକ ସମ୍ପାଦକଙ୍କ ନାଁରେ ମାମଲା

ବାରିପଦା ଅଫିସ,୫।୧

ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏସନ(ଏମ୍ଏଏ) ବାରିପଦାର ପୂର୍ବତନ ସମ୍ପାଦକ ବେଆଇନ ଭାବେ ବ୍ୟାଙ୍କରୁ ଲକ୍ଷାଧିକ ଟଙ୍କା ଉଠାଣ କରିଥିବା ନେଇ ବାରିପଦା ଟାଉନ ଥାନାରେ ଅଭିଯୋଗ ହୋଇଛି। ବର୍ତ୍ତମାନର ସମ୍ପାଦକ ବିଜୟ କୁମାର ଦାସଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୧୩/୨୩)ରୁଜୁ କରି ତଦନ୍ତ ଜାରି ରଖିଛି। ବିଜୟ ଦାସ ପୂର୍ବ କ୍ରୀଡ଼ା ସଂସଦରେ କୋଷାଧ୍ୟକ୍ଷ ଭାବେ କିଛି ଦିନ ରହି ଇସ୍ତଫା ଦେଇଥିଲେ। ତେବେ ପୂର୍ବତନ ସମ୍ପାଦକ କିଶୋର କୁମାର ବିଶ୍ୱାଳ ଏହି ସମୟରେ ଅନିୟମିତତା କରିଥିବା ନେଇ ବିଜୟ ଏତଲାରେ ଦର୍ଶାଇଛନ୍ତି।ଅଭିଯୋଗ ଅନୁଯାୟୀ, ଆସୋସିଏନର ଟଙ୍କା ଟ୍ରାନ୍ସଫର କିମ୍ବା ଉଠାଣ ପାଇଁ ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କ ଦସ୍ତଖତର ଆବାଶ୍ୟକତା ରହିଥିବା ନିୟମ ରହିଛି। ତେବେ ବିଜୟ ନିଜ ପଦବୀରୁ ଇସ୍ତଫା ଦେବା ପରେ ପୂର୍ବତନ ସମ୍ପାଦକ ବ୍ୟାଙ୍କ ଆକାଉଣ୍ଟରୁ ୨୩ଲକ୍ଷ ୩ହଜାର ୫୫୬ଟଙ୍କା ଉଠାଣ କରିଥିଲେ। ଏତେ

**ବେଆଇନ ଭାବେ ବ୍ୟାଙ୍କରୁ ଟଙ୍କା ଉଠାଣ ଅଭିଯୋଗ**

ଟଙ୍କା ଉଠାଇବା ପାଇଁ କାଉନସିଲ କିମ୍ବା କୌଣସି ରେଜୁଲେସନ ନ କରି କିପରି ଟଙ୍କା ଉଠାଇଛନ୍ତି ତାହାକୁ ନେଇ ଗତ ୨୦୨୨ ଜାନୁୟାରୀ ୨୪ରେ ଜିଲାପାଳଙ୍କ ସହ ସଂସଦ ବୈଠକରେ ଆଲୋଚନା ହୋଇଥିଲା। ତେବେ ବିଜୟ ସମ୍ପାଦକ ଦାୟିତ୍ୱ ନେବା ପରେ ଅନିୟମିତତାର ସମସ୍ତ ତଥ୍ୟ ସଂଗ୍ରହ କରି ଏହି ଅଭିଯୋଗ କରିଛନ୍ତି। ଏଥି ସହିତ ଅଭିଯୋଗ ପତ୍ରର ଏକକିତା ନକଲ ମୟୂରଭଞ୍ଜ ଏସ୍‌ପି, ପୋଲିସ ଡିଜି, ଡିଜି ଭିଜିଲାନ୍ସ,ଏଡିଜି କ୍ରାଇମବ୍ରାଞ୍ଚ ଓ ଭିଜିଲାନ୍ସ ଏସ୍‌ପି ବାଲେଶ୍ୱରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସଂକ୍ରାନ୍ତରେ ପୂର୍ବତନ ସମ୍ପାଦକ ବିଶ୍ୱାଳଙ୍କୁ ପଚାରିବାରୁ ବ୍ୟାଙ୍କରୁ ଟଙ୍କା ଉଠାଣ ପାଇଁ ଆସୋସିଏସନର ସଭାପତି ତଥା ଜିଲାପାଳଙ୍କ ଦସ୍ତଖତ ସମ୍ବଳିତ ସହମତି ନେଇ ସମସ୍ତ ଟଙ୍କା ଟ୍ରାନ୍ସଫର କରାଯାଇଛି। ବର୍ଷକ ପରେ ଏଭଳି ଅଭିଯୋଗ ଭିତ୍ତିହୀନ ବୋଲି ସେ ପ୍ରକାଶ କରିଛନ୍ତି ।

# ଉଚ୍ଛେଦ ବେଳେ ଉତ୍ତେଜନା



ବ୍ୟବସାୟୀଙ୍କ ମଧ୍ୟରେ ଚାଲିଥିବା ଯୁକ୍ତିତର୍କ।

ଭଦ୍ରକ ଅଫିସ, ୫।୧

ଭଦ୍ରକ ସହରର ମହତାବ ଛକଠାରୁ ବଙ୍କବାସୁଳୀ ମନ୍ଦିର ଛକ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଥିବା ଉଠା ଦୋକାନଗୁଡ଼ିକୁ ପ୍ରଶାସନ ପକ୍ଷରୁ ଗୁରୁବାର ଉଚ୍ଛେଦ ବେଳେ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ଓ ବ୍ୟବସାୟଙ୍କ ମଧ୍ୟରେ ଯୁକ୍ତିତର୍କହୋଇଥିଲା।

ଆସନ୍ତା ୯ ତାରିଖରେ ପୁରୁଷ ହକି ବିଶ୍ୱ କପ୍ ଟ୍ରଫି ପରିକ୍ରମା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ନେହେରୁ ଷ୍ଟାଡିୟମ ପର୍ଯ୍ୟନ୍ତ ମିନି ମାରାଥନ ସହିତ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ରାସ୍ତା ପାର୍ଶ୍ୱ ଉଠା ଦୋକାନୀମାନଙ୍କୁ ବୁଧବାରଠାରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଉଚ୍ଛେଦ ସମୟରେ ପୌରପାଳିକାର ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ, ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ପୁରୁଣାବଜାର ଥାନାଧିକାରୀ ଆଲୋକ ଜେନାଙ୍କ ସମେତ ପୋଲିସ ଫୋର୍ସ ମୁତୟନ ରହିଥିଲେ।

# ମନ ମୋହୁଛି ଭୋଗରାଇ ଉତ୍ସବ



୫ମ ସନ୍ଧ୍ୟାରେ ସମ୍ବର୍ଦ୍ଧନା ଦିଆଯାଉଛି।

ଭୋଗରାଇ, ୫।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଥାନା ଛକ ହେଲିପ୍ୟାଡ ପଡିଆରେ ଚାଲିଥିବା ଭୋଗରାଇ ଉତ୍ସବ ପ୍ରତି ସନ୍ଧ୍ୟାରେ ଛାତ୍ରୀଛାତ୍ର, ଯୁବତୀଯୁବକ, ମେଲୋଡି, ସିରିଏଲ ନାୟିକା ନାୟକଙ୍କ ନୃତ୍ୟସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା। ସାହିତ୍ୟିକ, ଗବେଷକ, କବି, ଶିକ୍ଷାବିତ୍, ସ୍ତମ୍ଭକାର ଓ ରାଜନୈତିକ ବ୍ୟକ୍ତିଙ୍କ ଅଭିଭାଷଣ ନିଆରା ପରିବେଶ ସୃଷ୍ଟି କରିଥିଲା। ଏଥିସହିତ ମିନାବଜାର, ବିଦ୍ୟୁତ ନାଗରଦଳା, ଟୟ ଟ୍ରେନରେ ବସିବାର ଲୋକେ ମଜା ନେଉଛନ୍ତି। ଥାନାଛକଠାରୁ ହେଲିପ୍ୟାଡ ପଡିଆ ପର୍ଯ୍ୟନ୍ତ ସବୁଠି ବିଦ୍ୟୁତ ରଙ୍ଗୀନ ଆଲୋକମାଳାରେ ଉଦ୍ଭାସିତ ହେଉଛି। ଏପରିକି ଓଡ଼ିଆ-ବଙ୍ଗଳାର ବିଭିନ୍ନ କିସମର ସୁସ୍ୱାଦୁ ଖାଦ୍ୟ ସାମଗ୍ରୀ ଦୋକାନରେ ଲୋକଙ୍କ ଚାହିଦା ବଢୁଥିଲା ବେଳେ ଲୋକେ ବିଭିନ୍ନ ଷ୍ଟଲରେ ଘରକରଣା ଜିନଷପତ୍ର କିଣୁଛନ୍ତି। ଗୁରୁବାର ଉତ୍ସବର ପଞ୍ଚମ ସନ୍ଧ୍ୟାରେ ମଞ୍ଚ ଆହ୍ୱାନ କରିଥିଲେ ବ୍ୟଙ୍ଗ କବି ଶ୍ରୀକୁମାର ଘୋଷ। ଉତ୍ସବ କମିଟି ଉପସଭାପତି ପ୍ରଦୀପ ନାୟକଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବିଧାୟକ ଅନନ୍ତ ଦାସ, ମୁଖ୍ୟବକ୍ତା ଭାବେ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ ପ୍ରାଧ୍ୟାପକ ଦୟାନିଧି ସାହୁ, ସମ୍ମାନିତ ବକ୍ତା ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ଼. ବିଜୟ କୁମାର ମିଶ୍ର, ଉତ୍ସବ କମିଟି ସଦସ୍ୟ ଯଜ୍ଞେଶ୍ୱର ପାତ୍ର ପ୍ରମୁଖ ଭୋଗରାଇର ଅର୍ଥନୈତିକ ସୁଧାର ନିମନ୍ତେ ଫସଲ ସୁରକ୍ଷା ଓ ଶିଳ୍ପାୟନ ଜରୁରୀ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ଆଦର୍ଶ ଶିକ୍ଷକ ପ୍ରମଥ ଦାସ ଓ ସଫଳ ଚାଷୀ ସ୍ୱରାଜ କୁମାର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଦିବାସୀ ନୃତ୍ୟ ସହିତ କୋଲକାତାର ସିରିୟଲ ନାୟିକା ନାୟକ ଓ ପ୍ରସିଦ୍ଧ କଣ୍ଠଶିଳ୍ପୀଙ୍କ ମଧୁର ସଙ୍ଗୀତ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକଙ୍କୁ ମନମୁଗ୍ଧ କରିଥିଲା।

## ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର

ଜଳେଶ୍ୱର, ୫।୧(ଡି.ଏନ.ଏ.)

ଶିକ୍ଷା ସହିତ ଛାତ୍ରୀଙ୍କ ଆତ୍ମସୁରକ୍ଷା ଲାଗି ବିଭିନ୍ନ କଲେଜରେ ତାଲିମ ଶିବିର ଅନୁଷ୍ଠିତ ହେଉଛି। ଜଳେଶ୍ୱର ପୌରପାଳିକାରେ ଅବସ୍ଥିତ ଜଳେଶ୍ୱର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା ତାଲିମ ଦିଆଯାଇଛି। ଅଧ୍ୟକ୍ଷ ଡ. ପ୍ରଫୁଲ୍ଲ କୁମାର ଦେ ସଭାପତିତ୍ୱ କରିଥିଲେ। ସଂଯୋଜିକା ଅଧାପିକା ଶାନ୍ତିଲତା ପାଢୀ ଶିବିରକୁ ପରିଚାଳନା କରିଥିଲେ। ଆନନ୍ଦମୟୀ ଉଚ୍ଚ ବିଦ୍ୟାଳୟର ପ୍ରାଧାପିକା ସୁଷମାରାଣୀ ଭୂୟାଁ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସମାଜରେ ଛାତ୍ରୀମାନଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ଅଧାପିକା ସୁଷମା ଚାନ୍ଦ, ରତନ କୁମାର ମିଶ୍ର ସହଯୋଗ କରିଥିଲେ। ପୂଜାରାଣୀ ପ୍ରଧାନ, ମଧୁସ୍ମିତା ପ୍ରଧାନ, ପ୍ରଜ୍ଞାପାରମିତା ସିଂ ଏଥିରେ ପ୍ରଶିକ୍ଷଣ ଦେଇଥିଲେ।

# ଟାଟା ପାୱାର ଯୋଡ଼ା ଶାଖାର ବୈଠକ



ଟାଟା ପାୱାରର କର୍ମକର୍ତ୍ତା।

କେନ୍ଦୁଝର/ଚମ୍ପୁଆ,୫।୧
(ସ୍ୱ.ପ୍ର./ଡି.ଏନ୍.ଏ)

ଟାଟା ପାୱାର ପକ୍ଷରୁ କେନ୍ଦୁଝର ଜିଲା ଚମ୍ପୁଆ ଟାଉନ ହଲଠାରେ ଆର୍ତ୍ତବନ୍ଧୁ ବିଶ୍ୱାଳଙ୍କ ସଭାପତିତ୍ୱରେ ଯୋଡ଼ା ଶାଖାର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ଣ୍ଣଚନ୍ଦ୍ର ଚୌଧୁରୀ ପରିଚାଳନା କରିଥିବା ବେଳେ ନୂତନ ସଭ୍ୟମାନଙ୍କୁ ଅଭିନନ୍ଦନ ଜଣାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାରେ ସହ ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଚୌଧୁରୀ, ଯୁଗ୍ମ ସମ୍ପାଦକ ପଙ୍କଜ ଜେନା, ମଣ୍ଡଳ ସମ୍ପାଦକ ମଳୟ ସାହା, ଡିଭିଜିନାଲ ସମ୍ପାଦକ ସଞ୍ଜୟ ବାରିକ, ଆସିଷ୍ଟାଣ୍ଟ ଡିଭିଜିନାଲ ସମ୍ପାଦକ ପ୍ରକାଶ ଜେନା, କୋଷାଧ୍ୟକ୍ଷ ସଞ୍ଜୟ ଗିରି, ବିଜୟ କୃଷ୍ଣ ମାଇତି, ଦିବ୍ୟ ବାରିକ, ଜୟନ୍ତ, ପ୍ରକାଶ, ହରି, ମୁକେଶ ପ୍ରମୁଖ ଉପସ୍ଥିତ ଥିଲେ ।

# କାର ଧକ୍କାରେ ବାଇକ୍ ଆରୋହୀ ମୃତ



ରାସ୍ତାରୋକୋ କରିଥିବା ଛାତ୍ରୀଛାତ୍ର।

ରାଇରଙ୍ଗପୁର,୫।୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବହଳଦା ଥାନା ଅଧୀନ ୨୨୦ନଂ. ଜାତୀୟ ରାଜପଥର ବାଗଡେଗା ଗ୍ରାମ ନିକଟରେ ଗୁରୁବାର କାର୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇଜଣ କଲେଜ ଛାତ୍ରୀ ଗୁରୁତର ହୋଇଛନ୍ତି। ମୃତକ ହେଲେ ବହଳଦା ଥାନା ଅଧୀନ ଝାଡ଼ଗାଁ ଗ୍ରାମର ତାପଷ କୁମାର ମିଶ୍ର। ଗୁରୁତର ଛାତ୍ରୀ ଫୁଲମଣି ସୋରେନଙ୍କୁ ପିଆର୍ଏମ୍ ମେଡିକାଲ ଓ ନିକି ହେମ୍ବ୍ରମଙ୍କୁ ରାଇରଙ୍ଗପୁର ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଏହାର ପ୍ରତିବାଦରେ ବଦଳଦାସ୍ଥିତ ଡି.ଏଲ. କଲେଜର ଛାତ୍ରଛାତ୍ରୀଙ୍କ ସମେତ ସ୍ଥାନୀୟ

**■୨ ଛାତ୍ରୀ ଗୁରୁତର**
**■କ୍ଷତିପୂରଣ ଦାବିରେ ରାସ୍ତାରୋକୋ**

ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ଖବରପାଇ ତହସିଲଦାର ପରମାନନ୍ଦ ଖଣ୍ଡେଇ, ରାଇରଙ୍ଗପୁର ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁ ଓ ବହଳଦା ପୋଲିସ ପହଞ୍ଚି ଛାତ୍ରୀଛାତ୍ରମାନଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ.୨/୨୩) ରୁଜୁ କରି ତଦନ୍ତ ଜାରି ରଖିଛି। କାରଟି ଦ୍ରୁତ ଗତିରେ ଆସି ପ୍ରଥମେ ବାଇକ୍ ଚାଳକ ଓ ପରେ ଛାତ୍ରୀ ଦ୍ୱୟଙ୍କୁ ଧକ୍କା ଦେଇଥିଲା।

## ଗ୍ରାମସଭାରେ ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ଗୋପବନ୍ଧୁ ନଗର ୫।୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ତଥା ଗୋପବନ୍ଧୁ ନଗର ବ୍ଲକ ରାଣୀବନ୍ଧ ପଞ୍ଚାୟତ ମାଙ୍କଡିଆ ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ସମ୍ପର୍କୀୟ ଦୁଇ ଭାଇଙ୍କ ମଧ୍ୟରେ ଗତ ୨ ତାରିଖରେ ମାର୍‌ପିଟ ହୋଇଥିଲା। ଏହି ଘଟଣାରେ ମନୋଜ ବିଶ୍ୱାଳଙ୍କ ଅଭିଯୋଗ କ୍ରମେ ମନୋରଞ୍ଜନ ବିଶ୍ୱାଳଙ୍କ ବିରୋଧରେ ପୋଲିସ ଏକ ମାମଲା(ନଂ. ୧/୨୩) ରୁଜୁ କରିଥିବା ବେଳେ ପୁଣି ଗତ ୪ ତାରିଖରେ ସେହି ଘଟଣାକୁ କେନ୍ଦ୍ର କରି ମନୋରଞ୍ଜନଙ୍କ ସ୍ତ୍ରୀ ବସୁମତୀଙ୍କୁ ମନୋଜ ଦୁର୍ବ୍ୟବହାର କରିଥିବା ନେଇ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ଅନ୍ୟଏକ ମାମଲା(ନଂ. ୩/୨୩) ରୁଜୁ କରିଥିଲା। ତେବେ ବୁଧବାର ରାତିରେ ଏହି ଘଟଣାକୁ ନେଇ ଏକ ଗ୍ରାମସଭା ବସିଥିଲା। ଗ୍ରାମସଭାରେ ଘଟଣାର ସମାଧାନ ହେବା ପରିବର୍ତ୍ତେ ମନୋଜଙ୍କ ସ୍ତ୍ରୀ ସିପା ବିଶ୍ୱାଳ (୨୫)ଙ୍କୁ ସେହି ଗ୍ରାମର ୱାର୍ଡମେମ୍ବର ସନିଆ ସିମନକିଆଙ୍କ ସହ ତାଙ୍କର ଦୁଇ ସହଯୋଗୀ ଦୁର୍ବ୍ୟବହାର କରିଥିବା ନେଇ ସିପା ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ମାମଲା(ନଂ.୬/୨୩) ରୁଜୁ କରିଛି।

## ଦୁଇଟି ଦୋକାନରୁ କଳାକନା ବୁଲାଇଲେ ଚୋର

ଔପଦା, ୫।୧

ଔପଦା ଓ ଖଇରା ଥାନା ଅଞ୍ଚଳରେ ପୃଥକ୍ ସ୍ଥାନରେ ଥିବା ଦୁଇଟି ଦୋକାନରୁ ଗତ ବୁଧବାର ରାତିରେ ଚୋରମାନେ କଳାକନା ବୁଲାଇଛନ୍ତି। ଔପଦା ଥାନା ଚନପୁର ଗ୍ରାମର ଗଜେନ୍ଦ୍ର ନାୟକଙ୍କ ଔପଦା ବଡ଼ପୋଖରୀ ରାସ୍ତା ପାଖ ଚନପୁର ପାଣି ଟାଙ୍କିଠାରେ ଥିବା ଦୋକାନ ଘରର ଚାବିକୁ ଚୋରମାନେ କାଟିଦେଇ ବିଭିନ୍ନ ଜିନିଷ ଚୋରି କରିନେଇଛନ୍ତି। ଚୋରି ସମ୍ପର୍କରେ ଅଭିଯୋଗ ପାଇ ଔପଦା ପୋଲିସ ପକ୍ଷରୁ ତଦନ୍ତ କରାଯାଇଛି। ସେହିପରି ଏହି ରାତିରେ ଖଇରା ଥାନା ଗୋବିନ୍ଦପୁର ପଞ୍ଚାୟତ ଶାଳପଡା ଗ୍ରାମର ଶ୍ୟାମସୁନ୍ଦର ରାଉତଙ୍କ ଦୋକାନ ଘରୁ ଚୋରମାନେ ଚୋରି କରିନେଇଛନ୍ତି।

# ବିଶ୍ୱ କପ୍ ହକି ଟ୍ରଫିକୁ ସ୍ୱାଗତ ପାଇଁ ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ ଓ ବ୍ଲକ ଅଧ୍ୟକ୍ଷ।

ବାସୁଦେବପୁର, ୫।୧(ଡି.ଏନ.ଏ.)

ବିଶ୍ୱକପ୍ ପୁରୁଷ ହକି ଟ୍ରଫିକୁ ଚଳିତ ମାସ ୯ ତାରିଖରେ ବାସୁଦେବପୁରରେ ସ୍ୱାଗତ କରିବା ପାଇଁ ପ୍ରଶାସନ ପକ୍ଷରୁ ଗୁରୁବାର ଏକ ପ୍ରସ୍ତୁତି ବୈଠକ ବ୍ଲକ କନଫରେନ୍ସ ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ପୌରାଧ୍ୟକ୍ଷା ନିବେଦିତା ବେହେରା, ଏସ୍‌ଡିପିଓ ସୌରଭ ଓତା, ତହସିଲଦାର ସୌଭାଗ୍ୟ କୁମାର ପଣ୍ଡା, ବାସୁଦେବପୁର ଥାନା ଅଧିକାରୀ ସାବିତ୍ରୀ ପଣ୍ଡା, ପୌର ନିର୍ବାହୀ ଅଧିକାରୀ ମାନସ ଦଣ୍ଡପାଟ, ବିଡିଓ ସତ୍ୟଜିତ ରାଉତ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ଏହି ଟ୍ରଫି ସକାଳ ୬ଟାରେ ବାସୁଦେବପୁରରେ ପହଞ୍ଚିବା ପରେ ବାଲିନଗର ସ୍ଥିତ ରାଧାକୃଷ୍ଣମନ୍ଦିର ପଡ଼ିଆରେ ସମ୍ବର୍ଦ୍ଧନା ଦିଆଯିବ।

# ବିଧାୟକଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ନେଇଛ: ହାଇକୋର୍ଟ

କେନ୍ଦୁଝର,୫।୧(ସ୍ୱ.ପ୍ର.)

**ଜିଲା ପରିଷଦ ସଦସ୍ୟାଙ୍କୁ ଅସଦାଚରଣ ଘଟଣା**

କେନ୍ଦୁଝର ଜିଲା ଆନନ୍ଦପୁର ଜିଲା ପରିଷଦ ସଦସ୍ୟାଙ୍କୁ ଅସଦାଚରଣ ଘଟଣାରେ ବିଧାୟକଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ନେଇଛ ଜଣାଅ ବୋଲି ହାଇକୋର୍ଟ ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପିଟିସନର ଶୁଣାଣି କରି ହାଇକୋର୍ଟ ଜଷ୍ଟିସ ଡ. ଏସ.କେ.ପାଣିଗ୍ରାହୀ ହାଇକୋର୍ଟଙ୍କ ଆଦେଶ କପି ସହିତ ସମସ୍ତ ଅଭିଯୋଗପତ୍ରର କପି ଏସପି ମିତ୍ରଭାନୁ ମହାପାତ୍ରଙ୍କୁ ଭେଟି ପ୍ରଦାନ କରିବାକୁ ଆଦେଶ କରିଛନ୍ତି। ପ୍ରକାଶ ଯେ, ଗତ ୩୦ ଅଗଷ୍ଟ ୨୦୨୨ ରେ ୩ ନମ୍ବର ଜିଲାପରିଷଦ ସଭ୍ୟା ଅସୀମା ମିଶ୍ର ପଞ୍ଚାୟତ ସଭାରେ ଯୋଗଦେଇଥିବା ବେଳେ ଗୃହରେ ବିଧାୟକ ଭାଗିରଥୀ ସେଠୀ ଅଶାଳୀନ ବ୍ୟବହାର କରିଥିଲେ। ହତ୍ୟା ଧମକ ଦେଇ ସଭାଗୃହରୁ ବାହାରି ଯିବାକୁ କହିଥିଲେ। ଏହାକୁ ନେଇ ମିଶ୍ର ଆନନ୍ଦପୁର ଥାନାରେ ଅଭିଯୋଗ କରିଥିଲେ। ଥାନା ପକ୍ଷରୁ ଏତଲାକୁ ଗ୍ରହଣ କରିଥିଲେ ହେଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ମିଶ୍ର ଏସ୍‌ପିଙ୍କୁ ୨୦ ସେପ୍ଟେମ୍ବର ୨୦୨୨ରେ ଅଭିଯୋଗ କରିଥିଲେ । ଏନେଇ ସେ ପୋଲିସ ନିକଟରୁ ନ୍ୟାୟ ନ ପାଇବାରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅନ୍ୟପକ୍ଷେ ଅଭିଯୋଗକୁ ବିଧାୟକ ସେଠୀ ପୂର୍ବରୁ ଅସ୍ୱୀକାର କରିଥିଲେ।

# ଯୋଡ଼ାରେ ସାଇକେଲ ଚାଳକ ଟିମ୍

## ବିଶ୍ୱକପ୍ ହକି ପ୍ରଚାର

ଯୋଡ଼ା,୫।୧(ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡ଼ା ସହରରେ ବିଶ୍ୱକପ ହକି ପ୍ରସାର ନିମିତ୍ତ ସାଇକେଲ ଚାଳକ ଟିମ୍ ଗୁରୁବାର ପହଞ୍ଚିଥିଲା। ଯୋଡ଼ା ପୌରାଞ୍ଚଳର କଳାପାହାଡ଼ ଛକଠାରେ ପହଞ୍ଚିବା ପରେ ଯୋଡ଼ାର ତାରିଣୀ ପ୍ରସାଦ ମହାନ୍ତି, ବିକାଶ ମହାନ୍ତି, ସାରଦା ପ୍ରସାଦ ଆଚାର୍ଯ୍ୟ, ପ୍ରକାଶ ମହାନ୍ତି ପ୍ରମୁଖ ସ୍ୱାଗତ କରିଥିଲେ। ପରେ ବନେଇକଳା ସ୍କୁଲ୍‌ରେ ଛାତ୍ରୀଛାତ୍ର ସ୍ୱାଗତ କରିଥିଲେ। ଏହାସହିତ ଯୋଡ଼ା ମହିଳା ମହାବିଦ୍ୟାଳୟ ସଭା ଗୃହଠାରେ ଆୟୋଜିତ ଏକ ସଭାରେ ଛାତ୍ରୀମାନଙ୍କୁ ହକି ଖେଳ ସମ୍ପର୍କରେ ପ୍ରେରଣା ଦେବା ସହ ବିଭିନ୍ନ ପ୍ରଶ୍ନ ପଚାରିଥିଲେ।



ସାଇକେଲ ଟିମ୍।

# ୮ରେ ବାଲେଶ୍ୱରରେ ପହଞ୍ଚିବ ହକି ବିଶ୍ୱକପ୍ ଟ୍ରଫି

ବାଲେଶ୍ୱର ଅଫିସ, ୫।୧

ବାଲେଶ୍ୱରସ୍ଥିତ ମହାତ୍ମାଗାନ୍ଧୀ ସଭାଗୃହରେ ଜିଲା ପ୍ରଶାସନ ତରଫରୁ ହକି ବିଶ୍ୱକପ୍ ଟ୍ରଫି ବାଲେଶ୍ୱର ପରିକ୍ରମା କରିବା ନେଇ ଦ୍ୱିତୀୟ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ପୁରୁଷ ହକି ବିଶ୍ୱକପ ୨୦୨୩କୁ ଉତ୍ସବମୁଖର ତଥା ଚଳିତ ଜାନୁୟାରୀ ୧୩ରୁ ୨୯ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବିଶ୍ୱକପ ହକି ପ୍ରତିଯୋଗିତାକୁ ସ୍ମରଣୀୟ କରିବା ପାଇଁ ରାଜ୍ୟର ପ୍ରତି ଜିଲାରେ ବିଶ୍ୱକପ ଟ୍ରଫି ପରିକ୍ରମା କରୁଛି। ଏହି ପର୍ଯ୍ୟାୟରେ ଆସନ୍ତା ଜାନୁୟାରୀ ୮ ତାରିଖରେ ହକି ବିଶ୍ୱକପ ଟ୍ରଫି ବାଲେଶ୍ୱର ପରିକ୍ରମା କରିବ। ବୈଠକରେ ବାଲେଶ୍ୱର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଅଧ୍ୟକ୍ଷତା କରି ହକି ବିଶ୍ୱକପ ଟ୍ରଫିର ସ୍ୱାଗତ ସମ୍ବର୍ଦ୍ଧନା ଜିଲାରେ କିପରି ସର୍ବୋତ୍କୃଷ୍ଟ ହୋଇପାରିବ ସେଥିନିମନ୍ତେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୮ତାରିଖ ସକାଳେ ଆୟୋଜିତ ହେବାକୁ ଥିବା ମିନି ମାରାଥନ ଉପରେ ଆଲୋକପାତ କରାଯାଇଥିଲା। ହକି ବିଶ୍ୱକପ ଟ୍ରଫିକୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ରଙ୍ଗାରଙ୍ଗ ମଞ୍ଚ କାର୍ଯ୍ୟକ୍ରମରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବ। ଅନ୍ୟମାନଙ୍କ ମଧ୍ୟରେ



ବୈଠକରେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଓ ଅନ୍ୟ ଅଧିକାରୀ।

**ଦ୍ୱିତୀୟ ପର୍ଯ୍ୟାୟ ପ୍ରଶାସନିକ ବୈଠକ**

ବାଲେଶ୍ୱର ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ବାଲେଶ୍ୱର ଉପଜିଲାପାଳ ଚୌହାଣ କୁଣାଲ ମୋତିରାମ, ଜିଲା ସଂସ୍କୃତି ଅଧିକାରୀ ଆଶିଷ କୁମାର ସାହୁ, ଜିଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲା ଶିକ୍ଷା ଅଧିକାରୀ ବିଷ୍ଣୁଚରଣ ସୁତାର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ଗଗନ କୁମାର ସାହୁଙ୍କ ସହ ସମସ୍ତ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

